# NATIONAL NEWS BULLETIN (ODIA)
## 22 March - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ଚନ୍ଦ୍ରପୃଷ୍ଠକୁ ଜଣେ ଭାରତୀୟଙ୍କୁ ନେଇ ସୁରକ୍ଷିତ ଭାବେ ଫେରାଇ ଆଣିବା ଅଭିଯାନ ଉପରେ ଭାରତ କାର୍ଯ୍ୟ କରୁଛି; କହିଲେ ଇସ୍ରୋ ଅଧ୍ୟକ୍ଷ
- ଦେଶରେ ବେଆଇନ୍ ଭାବେ ଚାଲିଥିବା ଅନଲାଇନ୍ ମନି ଗେମିଂ ସଂସ୍ଥାର ୩୫୭ଟି ୱେବସାଇଟ୍‌କୁ ବନ୍ଦ କଲା ଦ୍ରବ୍ୟ ଓ ସେବା କର ଗୁଇନ୍ଦା ନିର୍ଦ୍ଦେଶାଳୟ
- ଷ୍ଟାର୍ଟ-ଅପ୍‌ଗୁଡ଼ିକୁ ନୂତନ ଚିନ୍ତାଧାରା ଏବଂ ଉଦ୍ଭାବନକୁ ଆପଣାଇବା ସହ ଦେଶର ଆବଶ୍ୟକତାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଲେ କେନ୍ଦ୍ର ଶିଳ୍ପ ମନ୍ତ୍ରୀ
- ଭାରତର ମୋଟ ଘରୋଇ ଉତ୍ପାଦ ଜିଡିପି ବିଗତ ୧୦ ବର୍ଷରେ ୧୦୫ ପ୍ରତିଶତ ଅଭିବୃଦ୍ଧି ସହ ଦ୍ୱିଗୁଣିତ ହୋଇଛି ।

ଏବଂ

- ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ

– ଆଉ କିଛି ସମୟ ପରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା

## ପଞ୍ଜାବ– ଇସ୍ରୋ

ଭାରତୀୟ ମହାକାଶ ଗବେଷରା ସଂସ୍ଥା– ଇସ୍ରୋ' ଅଧ୍ୟକ୍ଷ ଡ. ଭି. ନାରାୟଣନ୍ କହିଛନ୍ତି, ଚନ୍ଦ୍ରପୃଷ୍ଠକୁ ଜଣେ ଭାରତୀୟଙ୍କୁ ନେଇ ସୁରକ୍ଷିତ ଭାବେ ଫେରାଇ ଆଣିବା ଅଭିଯାନ ଉପରେ ଇସ୍ରୋ କାର୍ଯ୍ୟ କରୁଛି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ୨୦୪୦ ମସିହା ସୁଦ୍ଧା ଇସ୍ରୋ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବ। ସେ କହିଛନ୍ତି, ୨୦୩୫ ମସିହା ସୁଦ୍ଧା ଭାରତର ନିଜସ୍ୱ ମହାକାଶ କେନ୍ଦ୍ର ପ୍ରତିଷ୍ଠା ହେବ। ଭାରତୀୟ ମହାକାଶ କାର୍ଯ୍ୟକ୍ରମର ପ୍ରେରଣାଦାୟୀ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି, ପ୍ରଥମ ପ୍ରୟାସରେ ଗୋଟିଏ ରକେଟ୍ ବ୍ୟବହାର କରି ମଙ୍ଗଳ ଅଭିଯାନକୁ ସଫଳତାର ସହ ସମ୍ପନ୍ନ କରିବାରେ ଇସ୍ରୋ ଏକମାତ୍ର ମହାକାଶ ସଂସ୍ଥା। ଗତକାଲି ପଞ୍ଜାବର ଜଳନ୍ଧର ନିକଟସ୍ଥ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଅଷ୍ଟମ ଛାତ୍ର ସଂସଦରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ନାରାୟଣନ୍ ଏହା କହିଛନ୍ତି। ସେ କହିଛନ୍ତି, ନିଜ ମିଶନର ସଫଳତା ପାଇଁ ଆମକୁ ଅନ୍ୟମାନଙ୍କଠାରୁ ଶିଖିବାକୁ ହେବ। ଭାରତରେ ଅନେକ ସୁଯୋଗ ରହିଛି ବୋଲି ବିଶ୍ୱାସ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଦେଶକୁ ଏକ

ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ଯୋଗଦାନ ପାଇଁ ଯେକୌଣସି ମନୋନୀତ କ୍ଷେତ୍ରରେ ଉତ୍କୃଷ୍ଟ ହେବା ପାଇଁ ନିଷ୍ଠାବାନ ହୋଇ କାର୍ଯ୍ୟ କରିବା ଉପରେ ଶ୍ରୀ ନାରାୟଣନ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ଡି.ଜି.ଆଇ- ଅନଲାଇନ୍ ମନି ଗେମିଂ

ଦ୍ରବ୍ୟ ଓ ସେବା କର ଗୁଇନ୍ଦା ନିର୍ଦ୍ଦେଶାଳୟ– ଡି.ଜି.ଜି.ଆଇ ଦେଶରେ ବେଆଇନ୍ ଭାବେ ଚାଲିଥିବା ଅନଲାଇନ୍ ମନି ଗେମିଂ ସଂସ୍ଥାର ୩୫୭ଟି ୱେବସାଇଟ୍‌କୁ ବନ୍ଦ କରିଛି । ଡି.ଜି.ଜି.ଆଇ ଏହି ସଂସ୍ଥାଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜୋରଦାର କରିଛି । ଅନଲାଇନ୍ ଗେମିଂ ଉଭୟ ଦେଶ ଏବଂ ଦେଶ ବାହାରୁ ପରିଚାଳିତ ହେଉଛି । ଅନଲାଇନ୍ ମନି ଗେମିଂ, ବେଟିଂ କିମ୍ବା ଜୁଆରେ ପ୍ରାୟ ୭୦୦ ବିଦେଶୀ ସଂସ୍ଥା ଡି.ଜି.ଜି.ଆଇ.ର ନଜରରେ ଅଛନ୍ତି । ଅର୍ଥ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହି ସଂସ୍ଥାଗୁଡ଼ିକ ପଞ୍ଜୀକରଣ କରିବାରେ ବିଫଳ ହେବା ପରେ କର ଯୋଗ୍ୟ ଦେୟ ଲୁଚାଇବା ସହ କର ଫାଙ୍କି କରିବାକୁ ଅଣଦେଖା କରି ଜି.ଏସ୍.ଟି.ରୁ ବର୍ତ୍ତି ଯାଉଛନ୍ତି । ନିକଟରେ ଡି.ଜି.ଜି.ଆଇ ଏକ ଚଢ଼ଉ ଅଭିଯାନରେ ଅଂଶଗ୍ରହଣକାରୀଙ୍କଠାରୁ ଟଙ୍କା ଆଦାୟ ପାଇଁ ବ୍ୟବହୃତ ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିବା ସହ ପାଖାପାଖି ୨ ହଜାର ବ୍ୟାଙ୍କ ଆକାଉଣ୍ଟ ଏବଂ ୪ କୋଟି ଟଙ୍କା ଜବତ କରିଥିଲା । ଅନ୍ୟ ଏକ କାର୍ଯ୍ୟାନୁଷ୍ଠାନରେ ୟୁ.ପି.ଆଇ.' ଆଇ.ଡି ସହ ଜଡ଼ିତ ୩୯୨ଟି ବ୍ୟାଙ୍କ

ଆକାଉଣ୍ଟକୁ ଅଚଳ କରାଯିବା ସହ ମୋଟ୍ ୧୨୨ କୋଟି ୫ ଲକ୍ଷ ଟଙ୍କା ଅସ୍ଥାୟୀ ଭାବେ ଜବତ କରାଯାଇଛି। ଡି.ଜି.ଜି.ଆଇ. ବର୍ତ୍ତମାନ ସୁଦ୍ଧା ଭାରତ ବାହାରୁ ଅନଲାଇନ୍ ମନି ଗେମିଂ ପ୍ଲାଟଫର୍ମ ସହ ଜଡ଼ିତ ଅବୈଧ ଦେଣନେଣ ହେଉଥିବା ୧୬୬ଟି ଆକାଉଣ୍ଟକୁ ଅଚଳ କରିଛି। ସରକାର ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ଅନଲାଇନ୍ ମନି ଗେମିଂ ପ୍ଲାଟଫର୍ମ ସହ ଜଡ଼ିତ ନ ହେବାକୁ କହିଛନ୍ତି।

# ପିୟୁଷ ଗୋଏଲ ଷ୍ଟାର୍ଟ ଅପ୍ ଫେଷ୍ଟିଭାଲ

କେନ୍ଦ୍ର ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ ଷ୍ଟାର୍ଟ-ଅପ୍‌ଗୁଡ଼ିକୁ ନୂତନ ଚିନ୍ତାଧାରା ଏବଂ ଉଦ୍ଭାବନକୁ ଗ୍ରହଣ କରିବା ସହିତ ସମାଜ ଏବଂ ଦେଶର ଆବଶ୍ୟକତାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଛନ୍ତି। ଅହମ୍ମଦାବାଦରେ ଆଜି ବେଜଲପୁର ଷ୍ଟାର୍ଟ-ଅପ୍ ଫେଷ୍ଟିଭାଲର ଦ୍ୱିତୀୟ ସଂସ୍କରଣକୁ ସମ୍ବୋଧିତ କରି ଶ୍ରୀ ଗୋଏଲ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ଷ୍ଟାର୍ଟ-ଅପ୍‌ର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶରେ ଷ୍ଟାର୍ଟ-ଅପ୍‌ଗୁଡ଼ିକୁ ସମର୍ଥନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଫଣ୍ଡ୍ ଅଫ୍ ଫଣ୍ଡ୍‌ସ ଭଳି ଅନେକ ପଦକ୍ଷେପ ଉପରେ ଶ୍ରୀ ଗୋଏଲ୍ ଆଲୋକପାତ କରିଥିଲେ। ଗୁଜୁରାଟରେ ଉଦ୍ୟୋଗୀ ମନୋଭାବ ଏବଂ ଷ୍ଟାର୍ଟ-ଅପ୍ ନେଟ୍‌ୱର୍କର ପ୍ରଶଂସା କରି ମନ୍ତ୍ରୀ ଯୁବକମାନଙ୍କୁ ରୋଜଗାର ପ୍ରଦାନ ଏବଂ ସାମାଜିକ ସମସ୍ୟାର ଅଭିନବ ସମାଧାନ ଖୋଜିବାରେ ଷ୍ଟାର୍ଟ-ଅପ୍‌ର ଅବଦାନ ରହିଛି ବୋଲି କହିଥିଲେ।

ଦେଶରେ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଷ୍ଟାର୍ଟ-ଅପ୍‌ରେ ପୁଞ୍ଜିନିବେଶ କରିବାକୁ ନିବେଶକ ଓ ପରାମର୍ଶଦାତାମାନଙ୍କୁ ମନ୍ତ୍ରୀ ଅନୁରୋଧ କରିଥିଲେ।

## ପିଏଲ୍‌ଆଇ ସ୍କିମ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ବର୍ତ୍ତମାନ ସୁଦ୍ଧା ୧୪ଟି ପ୍ରମୁଖ କ୍ଷେତ୍ର ପାଇଁ ଉତ୍ପାଦ ଭିତ୍ତିକ ପ୍ରୋତ୍ସାହନ ଯୋଜନା–ପିଏଲ୍‌ଆଇ ଅଧୀନରେ ୭୬୪ଟି ଆବେଦନକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ଏମ୍.ଏସ୍.ଏମ୍.ଇ’ କ୍ଷେତ୍ରର ୧୭୬ଟି ପି.ଏଲ୍.ଆଇ. ରହିଛି। ସେଗୁଡ଼ିକ ମଧ୍ୟରେ ଔଷଧ, ଡାକ୍ତରୀ ଯନ୍ତ୍ରାଂଶ, ଟେଲିକମ୍, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଡ୍ରୋନ୍ ଭଳି କ୍ଷେତ୍ରର ହିତାଧିକାରୀ ରହିଛନ୍ତି। ଗତ ବର୍ଷ ନଭେମ୍ବର ସୁଦ୍ଧା ପ୍ରାୟ ୧ ଲକ୍ଷ ୬୧ କୋଟି ଟଙ୍କାର ନିବେଶ ହୋଇଥିବା ଜଣାପଡ଼ିଛି। ୨୦୨୪-୨୫ ସୁଦ୍ଧା ସରକାର ୧୫ ଲକ୍ଷ ୫୨ କୋଟି ଟଙ୍କାର ଉତ୍ପାଦନ ଓ ବିକ୍ରୟ ଲକ୍ଷ୍ୟ ରଖିଥିବା ବେଳେ ୧୪ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ଓ ବିକ୍ରୟ ହୋଇଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୧ ଲକ୍ଷ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି।

ପି.ଏଲ.ଆଇ ଯୋଜନା ମାଧ୍ୟମରେ ଭାରତର ପାରମ୍ପରିକ ସମାଗ୍ରୀ ରପ୍ତାନୀକୁ ରୂପାନ୍ତରଣ କରାଯାଇ ଉଚ୍ଚମୂଲ୍ୟଯୁକ୍ତ ଇଲେକ୍‌ଟ୍ରୋନିକ୍ସ,

ଟେଲିକମ୍ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀରେ ପରିଣତ କରାଯାଇପାରିଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## ଆଇଏମ୍ଏଫ୍-ଇଣ୍ଡିଆ ଗ୍ରୋଥ

ଭାରତର ମୋଟ ଘରୋଇ ଉତ୍ପାଦ ଜିଡିପି ବିଗତ ୧୦ ବର୍ଷରେ ୧୦୫ ପ୍ରତିଶତ ଅଭିବୃଦ୍ଧି ସହ ଦ୍ୱିଗୁଣିତ ହୋଇଛି। ୨୦୧୫ ମସିହାରେ ଜିଡିପି ୨ ଦଶମିକ ୧ ଟ୍ରିଲିୟନ୍ ଡଲାର ଥିବାବେଳେ ଚଳିତ ବର୍ଷ ଏହା ୪ ଦଶମିକ ୩ ଟ୍ରିଲିୟନ୍ ଡଲାରରେ ପହଁଞ୍ଚିଛି। ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆଇ.ଏମ୍.ଏଫ୍. ଦ୍ୱାରା ଜାରି ସୂଚନା ଅନୁସାରେ ଭାରତ ବର୍ତ୍ତମାନ ଜିଡିପି ଆଧାରରେ ବିଶ୍ୱର ପଞ୍ଚମ ବୃହତମ ଅର୍ଥନୀତି। ଆଇ.ଏମ୍.ଏଫ୍. ଦ୍ୱାରା ଜାରି ସୂଚୀରେ ଆମେରିକା, ଚୀନ୍, ଜର୍ମାନ ଓ ଜାପାନ ପରେ ଭାରତ ପଞ୍ଚମ ସ୍ଥାନରେ ରହିଛି। ଆଇ.ଏମ୍.ଏଫ୍. କହିଛି, ଗତ ଦଶନ୍ଧିରେ ଜାପାନ୍ର ଅଭିବୃଦ୍ଧି ଶୂନ୍ୟ ପ୍ରାୟ ରହିଥିବାରୁ ଭାରତ ଖୁବ୍ଶୀଘ୍ର ଜାପାନ୍କୁ ଅତିକ୍ରମ କରି ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବ। ବିଗତ ୧୦ ବର୍ଷ ଆମେରିକାର ଜିଡିପି ଅଭିବୃଦ୍ଧି ହାର ୬୬ ପ୍ରତିଶତ ଏବଂ ଚୀନ୍ର ଅଭିବୃଦ୍ଧିହାର ୪୪ ପ୍ରତିଶତ ରହିଛି ବୋଲି ଆଇ.ଏମ୍.ଏଫ୍. ସୂଚନା ଦେଇଛି।

## ଆର୍ଥ ଆୱାର ଅଭିଯାନ

ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଏବଂ ଶକ୍ତି ସଂଚୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଆର୍ଥ ଆୱାର ଅଭିଯାନ ପାଳନ କରାଯାଉଛି । ବିଶ୍ୱ ପାଇଁ ଶକ୍ତି ସଂରକ୍ଷଣର ଗୁରୁତ୍ୱକୁ ଦର୍ଶାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ମାସରେ ଏହି ଆର୍ଥ ଆୱାର ଅଭିଯାନ ପାଳନ କରାଯାଇଥାଏ । ଆଜି ରାତି ସାଢ଼େ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ  ଏହି ଅଭିଯାନ ପାଳନ କରାଯିବ । ପରିବେଶ ଏବଂ ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତାର ପ୍ରଦର୍ଶନ ସ୍ୱରୂପ ଆଜି ଅଣଅତ୍ୟାବଶ୍ୟକ ଶକ୍ତି ଉତ୍ସଗୁଡ଼ିକୁ ଏହି  ଏକଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି । ଏହି ଐତିହାସିକ କାର୍ଯ୍ୟକ୍ରମରେ ଦେଶର ସମସ୍ତ ସରକାରୀ, ବେସରକାରୀ ପ୍ରତିଷ୍ଠାନ, ବ୍ୟବସାୟ ଏବଂ ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିଥାନ୍ତି । ୨୦୦୭ ମସିହାରେ ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ପ୍ରଥମଥର ପାଇଁ ଏହି ଅଭିଯାନ ପାଳନ କରାଯାଇଥିଲା ।

## ନାଇଜର୍-ଆଟାକ

ଦକ୍ଷିଣ ପଶ୍ଚିମ ନାଇଜର୍‌ର ଏକ ମସଜିଦ୍ ଉପରେ ହୋଇଥିବା ଆକ୍ରମଣରେ ୪୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି । ସେ ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, କୋକରୁର୍ ଗ୍ରାମାଞ୍ଚଳରେ ଥିବା ଫୋମ୍ବିକା ଗ୍ରାମରେ ଗତକାଲି ଅପରାହ୍ଣରେ ପ୍ରାର୍ଥନା ଚାଲିଥିବା ବେଳେ ଏହି ଆକ୍ରମଣ ହୋଇଥିଲା । ପଶ୍ଚିମ ଆଫ୍ରିକାରେ ଅଲକାଏଦା ଓ ଇସ୍‌ଲାମିକ୍ ଷ୍ଟେଟ୍ ସହ ଜଡ଼ିତ ଜିହାଦୀ

ବିଦ୍ରୋହର କେନ୍ଦ୍ରସ୍ଥଳ ଭାବେ ପରିଚିତ ନାଇଜର୍, ବୁର୍କିନାଫାସୋ ଓ ମାଲିର ତ୍ରି' ସୀମାନ୍ତ ଅଞ୍ଚଳରେ ଏହି ସ୍ଥାନ ରହିଛି। ଏହି ଆକ୍ରମଣ ପାଇଁ ସରକାର ଇସ୍‌ଲାମିକ୍ ଷ୍ଟେଟ୍‌ର ସହଯୋଗୀ ସଂସ୍ଥା ଇ.ଆଇ.ଜି.ଏସ୍. ସଂଗଠନକୁ ଦାୟୀ କରିଛନ୍ତି।

## ଖେଲୋ ଇଣ୍ଡିଆ ପାରା ଗେମ୍ସ

ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍‌ରେ ଚାଲିଥିବା ଖେଲୋ ଇଣ୍ଡିଆ ପାରାଗେମ୍ସ-୨୦୨୫ରେ ପ୍ରତିଦ୍ୱନ୍ଦିତା ଉଚ୍ଚକୋଟିର ହୋଇଥିବା ବେଳେ ଖେଳାଳିମାନଙ୍କ ପ୍ରଦର୍ଶନ ଉତ୍ସାହଜନକ ରହିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଖେଳାଳିମାନେ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରୁଛନ୍ତି। ଆଜି ଖେଳର ତୃତୀୟ ଦିବସରେ ମହିଳା ଜାଭେଲିନ୍ ଥ୍ରୋ' ଏଫ୍-୩୩/୩୪ ବର୍ଗରେ ଭାଗ୍ୟଶ୍ରୀ ମାଧ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ଦୀପିକା ରାଣୀଙ୍କୁ ରୌପ୍ୟ ଏବଂ ଅକ୍ଷୟ କାଂସ୍ୟ ପଦକ ଜିତିଛନ୍ତି।

ପୁରୁଷ ଡିସ୍କସ୍ ଥ୍ରୋ ଏଫ୍-୫୬ ବର୍ଗରେ ବୀରଭଦ୍ର ସିଂହ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଆଦେଶ ଭାଟିଙ୍କୁ ରୌପ୍ୟ ଓ ରାମାନୁଜ କୁମାରଙ୍କୁ କାଂସ୍ୟ ପଦକ ମିଳିଛି। ପୁରୁଷ ସଟ୍ ପୁଟ୍ ଏଫ୍-୧୧ ବର୍ଗରେ ମୋନୁ ଘଙ୍ଗାସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବାବେଳେ ପ୍ରବୀଣ ଶର୍ମାଙ୍କୁ ରୌପ୍ୟ ଓ ସାଗର କାଂସ୍ୟ ପଦକ ହାସଲ କରିଥିଲେ। ମହିଳା ଲଙ୍ଗଜମ୍ପ ଟି-୨୦ ବର୍ଗରେ ଭୁବି ଅଗ୍ରୱାଲ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ନିତ୍ୟା ରୌପ୍ୟ ଓ ପୂଜା କାଂସ୍ୟ ପଦକ ହାସଲ କରିଛନ୍ତି।

ଆଜି ସନ୍ଧ୍ୟା ସୁଦ୍ଧା ମୋଟ ପଦକ ତାଲିକାରେ ହରିୟାଣା ୯ଟି ସ୍ୱର୍ଣ୍ଣ ପଦକ ସହ ଶୀର୍ଷରେ ଥିବା ବେଳେ ତାମିଲନାଡୁ ମଧ୍ୟ ୯ଟି ସ୍ୱର୍ଣ୍ଣ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଉତ୍ତରପ୍ରଦେଶ ୬ଟି ସ୍ୱର୍ଣ୍ଣ ପଦକ ସହ ତୃତୀୟ ସ୍ଥାନରେ ରହିଛି।

# ଆଇପିଏଲ୍

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହୋଇଛି । ଆକର୍ଷଣୀୟ ଉଦ୍‌ଘାଟନୀ ସମାରୋହରେ ଚଳଚ୍ଚିତ୍ର ଜଗତର ଅଭିନେତା, ଅଭିନେତ୍ରୀ ଓ କଣ୍ଠଶିଳ୍ପୀମାନେ ଅଂଶ ଗ୍ରହଣ କରିଛନ୍ତି । କୋଲକାତାର ଇଡେନ ଗାର୍ଡେନ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଆଉ କିଛି ସମୟ ପରେ କୋଲକାତା ନାଇଟ୍‌ରାଇଡର୍ସ୍ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ଟି ଦଳ ଭାଗ ନେଉଛନ୍ତି । ଏହାର ଫାଇନାଲ୍ ମ୍ୟାଚ୍ ମେ ମାସ ୨୫ ତାରିଖ ରବିବାର ଦିନ କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଅନୁଷ୍ଠିତ ହେବ ।

# ଟେନିସ୍

ସ୍ୱିଜରଲ୍ୟାଣ୍ଡର ବାସେଲରେ ଚାଲିଥିବା ସୁଇସ୍ ଓପନ୍ ବ୍ୟାଡମିଣ୍ଟନ ମହିଳା ଡବଲ୍ସ ସେମିଫାଇନାଲରେ ଭାରତୀୟ ବ୍ୟାଡମିଣ୍ଟନ ଯୋଡ଼ି ତ୍ରିସା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏବଂ ଶୀର୍ଷ ମାନ୍ୟତାପ୍ରାପ୍ତ ଚୀନ୍ ଯୋଡ଼ି

ଶେଙ୍ଗ ଶୁ ଲିଉ ଓ ଟାନ୍ ନିଙ୍ଗ୍‌ଙ୍କ ମଧ୍ୟରେ ମୁକାବିଲା ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତୀୟ ଯୋଡ଼ି ପ୍ରଥମ ସେଟ୍‌କୁ ୨୧-୧୫ରେ ଜିତି ଆଗରେ ରହିଛନ୍ତି।

ରାଜ୍ୟଗୋଷ୍ଠୀ କ୍ରୀଡ଼ାର କାଂସ୍ୟ ପଦକ ବିଜେତା ଟ୍ରିସା ଓ ଗାୟତ୍ରୀ ଗତକାଲି କ୍ୱାର୍ଟର ଫାଇନାଲରେ ହଂକଂ ଚୀନ୍ ଅଷ୍ଟମ ମାନ୍ୟତାପ୍ରାପ୍ତ ଯୋଡ଼ି ୟୁଙ୍ଗ୍ ନାଗା ଟିଙ୍ଗ୍ ଏବଂ ୟୁଙ୍ଗ୍ ପୁଇ ଲାମ୍‌ଙ୍କୁ ୨୧-୧୮, ୨୧-୧୪ରେ ପରାସ୍ତ କରିଥିଲେ। ଭାରତୀୟ ଯୋଡ଼ି ମାତ୍ର ୪୪ ମିନିଟ୍‌ରେ ବିଜୟ ହାସଲ କରିଥିଲେ।